# ତହସିଲ କାର୍ଯ୍ୟାଳୟ, କାଶୀନଗର, ଜିଲ୍ଲା: ଗଜପତି ।

## ସଇରାତଉତ୍ସ ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

**ସଂଖ୍ୟା :** ୪୪୭୪ **/ ସଇରାତ** **ତାରିଖ :** ୨୦.୨.୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (Rule 27) ଅନୁଯାଇ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କାଶୀନଗର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ୫ ବର୍ଷ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ୨୦୨୫-୨୦୨୬ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ଦିଆଯିବା ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ପ୍ରକାରେ ଫର୍ମ – "M" ପୂରଣ କରି ୩ ଟି ନକଲ ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, କାଶୀନଗରଙ୍କ କାର୍ଯ୍ୟାଳୟରେ ଥିବା ବାକ୍ସ (Drop Box) ରେ ଆସନ୍ତା ତା: ୦୮-୧୦-୨୦୨୧ ଠାରୁ ତା: ୦୩-୧୧-୨୦୨୧ ରିଖ (ଛୁଟି ଦିନ ବ୍ୟତୀତ) ଅପରାହ୍ନ ୦୫.୩୦ ଘଟିକା ସମୟ ମଧରେ ପକାଇ ପାରିବେ । ନିର୍ଧାରିତ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଲଫାପା ଉପରେ ସଇରାତ ଉତ୍ସ ର ନାମ ଓ କ୍ରମିକ ସଂଖ୍ୟା ଲେଖାଯାଇ ଥିବା ଆବଶ୍ୟକ । ତା: ୦୫-୧୧-୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ବାକ୍ସ ଟିକୁ ଖୋଲା ଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ । ଅସମ୍ପୂର୍ଣ୍ଣ ଏବଂ ଆବଶ୍ୟକୀୟ ନିମ୍ନ ବର୍ଣ୍ଣିତ କାଗଜ ପତ୍ର ସଂଲଗ୍ନ ନଥିବା ଦରଖାସ୍ତ ଗୁଡିକ ଖାରଜ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ କାର୍ଯ୍ୟ ଦିବସ ଦିନ ଅପରାହ୍ନ ୦୫.୩୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ଗଜପତିଙ୍କ ର ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ :**

୧: ଦରଖାସ୍ତ ପାଉଣା ବାବଦକୁ ଟ.୧୦୦୦.୦୦ ଙ୍କା (ଅଣଫେରସ୍ତ) ର ଟ୍ରେଜରି ଚାଲାଣ ("0853-Non- ferrous Mining and Metallurgical Industries-102-Mineral Concession Fees, Rents and Royalties-")

୨: ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅନୁଯାଇ କୌଣସି ଅର୍ଥ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ

୩: ନିର୍ଧାରିତ ବଇନା ଧନ (Earnest Money) (ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ପ୍ରକାରେ ଏକ ବର୍ଷ ମଧରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity) ପାଇଁ ରାଜଭାଗ (royalty) ସହ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ମୂଲ୍ୟର ର ୫% ପଇଠ ସମ୍ବନ୍ଧେ ପ୍ରମାଣ ପତ୍ର (Demand Draft drawn in favour of Tahasildar, Kashinagar, Payable at Kashinagar)

୪: ଏକ ବର୍ଷ ମଧରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity) ପାଇଁ ଦେୟ ରାଜଭାଗ (royalty) ସହ ଦରଖାସ୍ତକାରୀ ଦେବାକୁ ଚାହୁଁ ଥିବା / ଉଲ୍ଲେଖ କରିଥିବା ଅତିରିକ୍ତ ଦେୟ (Additional Charge) ମୂଲ୍ୟର (OMMC Rule 2016 ଅନୁଯାୟୀ), କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା Solvency Certificate କିମ୍ବା ୧୮ ମାସ ବୈଧ ଥିବା Bank Guarantee ଏବଂ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତିର ପ୍ରମାଣପତ୍ର ।

୫: ସରକାରଙ୍କ ଦ୍ୱାରା ଧାର୍ଯ୍ୟ royalty ମୂଲ୍ୟ ଏବଂ ଏହି ନିଲାମ ଇସ୍ତାହାର ରେ ଉଲ୍ଲେଖିତ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ତୁଳନାରେ କେତେ ସର୍ବୋଚ୍ଚ ମୂଲ୍ୟର ଅତିରିକ୍ତ ଦେୟ (Additional Charge) ଦେବାକୁ ଚାହୁଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ ।

**ବିଶେଷ ସର୍ତ୍ତାବଳୀ :**

୧: ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (OMMC Rule - 2016) ଓ ଏଥି ସମ୍ବନ୍ଧିତ ସରକାରଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶ ଏବଂ Manual of Tahasil Account ର ପରିସରଭୁକ୍ତ ରହିବେ ।

୨: ପ୍ରଚଳିତ ନିୟମ ଅନୁଯାୟୀ ସର୍ବୋଚ୍ଚ ସଫଳ ନିଲାମ ଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ସର୍ବୋଚ୍ଚ ସଫଳ ନିଲାମ ଧାରୀ ନିୟମ ଅନୁଯାୟୀ ନିଲାମ ରୁ ଓହରି ଯାଆନ୍ତି ତେବେ, ଦ୍ୱିତୀୟ ସର୍ବୋଚ୍ଚ ସଫଳ ନିଲାମ ଧାରୀ ଙ୍କୁ ସୁଯୋଗ ଦିଆଯିବ । ଏକରୁ ଅଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବା ପରିପ୍ରେକ୍ଷୀରେ ଲଟେରୀ ମାଧମରେ ସଫଳ ନିଲାମ ଧାରୀ ଚୟନ କରାଯିବ ।

୩: ଲିଜ ଦରଖାସ୍ତ କାରୀ ନିଜର ସହମତି ସହ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୧୫ ଦିନ ମଧ୍ୟରେ Demand Draft ଆକାରରେ ତହସିଲଦାର, କାଶୀନଗର ଙ୍କ ନିକଟରେ ଦାଖଲ କରିବେ ।

୪: ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ Mining Plan ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜ ପତ୍ର ଦାଖଲ ନ କରନ୍ତି ତେବେ ଉକ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ । ଆବଶ୍ୟକ ସ୍ଥଳେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଆଦେଶ କ୍ରମେ Mining Plan ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଖର୍ଚ୍ଚ Lease holder ବହନ କରିବେ ।

୫: ସରକାରଙ୍କ ଦ୍ୱାରା ଧାର୍ଯ୍ୟ royalty ଓ ଲିଜ ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟକୁ ଏକ ବର୍ଷରେ ଉତ୍ତୋଳନ କରାଯାଉଥିବା ସର୍ବନିମ୍ନ ଲଘୁ ଖଣିଜ ଦ୍ରବ୍ୟ ପରିମାଣ (Minimum Guaranteed Quantity) ସହ ଗୁଣନ କରି, ସମ୍ପୃକ୍ତ ଅର୍ଥ ଏବଂ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅନୁଯାଇ ନିର୍ଧାରିତ ଆବଶ୍ୟକୀୟ ଦେୟ ଅର୍ଥକୁ Approved Mining Plan ଏବଂ Environment Clearance (The Chairman SEIAA / DEIAA) ଙ୍କ ଠାରୁ ଆଣିସାରିଲା ପରେ ଚୁକ୍ତି ପତ୍ର ସମ୍ପାଦନ ପୂର୍ବରୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ରେଜିଷ୍ଟ୍ରେଶନ ଆଇନ (Orissa Registration Act. 1908 & Stamp Act.1899) ଅନୁଯାଇ ଚୁକ୍ତି ପତ୍ର (Lease Deed) ସମ୍ପାଦନ କରିବେ

୬: ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ନିଜର ସହମତି ସହ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ନିୟମାନୁଯାଇ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ।

୭: ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୮: ନିଲାମଧାରୀ ମାନେ OMMC Rule – 2016 ଏବଂ ଏଥି ସମ୍ବନ୍ଧୀୟ ସରକାରଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶ ର ସମସ୍ତ ସର୍ତ୍ତ ମାନିବା ନିମନ୍ତେ ବାଧ ହେବେ ।

୯: ଲିଜଧାରୀ ଜମା Royalty ର ୨% ଅର୍ଥ ଆୟକର (T.D.S. ) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୦: ଦରଖାସ୍ତ କାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଏବଂ ନିୟମାବଳୀ ର ଅନ୍ତର୍ଭୁକ୍ତ ରହିବେ ।

୧୧: ସମ୍ବାଦ ପତ୍ର ରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ ସଫଳ ନିଲାମ ଧାରୀ / ନିଲାମଧାରୀମାନେ ବହନ କରିବେ

୧୨: ଓଡିଶା ଖଣିଜ ପ୍ରତିଷ୍ଠାନ ପାଣ୍ଠି ନିୟମ ୨୦୧୫ ଅନୁଯାୟୀ ନିଲାମଧାରୀ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅଂଶ ପ୍ରଦାନ କରିବେ ।

୧୩. ଆବଶ୍ୟକ ସ୍ଥଳେ ଖଣି କୁ ସଂଯୋଗ କରୁଥିବା ରାସ୍ତା ର ନିର୍ମାଣ କିମ୍ବା ଉନ୍ନତି କରଣ ଖର୍ଚ୍ଚ ନିଲାମ ଧାରୀ ନିଜେ ବହନ କରିବେ ।

୧୪ : ଜି.ଏସ.ଟି. ପଞ୍ଜୀକରଣ ସଂଖ୍ୟା (ସମ୍ପୃକ୍ତ ବିଧିମାନ୍ୟ ଦସ୍ତାବିଜ ସହ) ଦାଖଲ କରିବା ଜରୁରୀ ଅଟେ ।

ଇଚ୍ଛୁକ ବ୍ୟକ୍ତି ନିମ୍ନ ସଇରାତ ଉତ୍ସ ଗୁଡିକ ପରିଦର୍ଶନ କରି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଙ୍କ ପରାମର୍ଶ କ୍ରମେ ଅନ୍ୟାନ୍ୟ ତଥ୍ୟ ସମ୍ବନ୍ଧରେ ଅବଗତ ହୋଇ ଆବେଦନ କରିପାରିବେ । ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ http://gajapati.nic.in ରେ ମଧ୍ୟ ଉପଲବ୍ଧ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

**ନିଲାମର ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ :** ତହସିଲ କାର୍ଯ୍ୟାଳୟ, କାଶୀନଗର ତା. ୦୫-୧୧-୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟ । ଉକ୍ତ ତାରିଖ ଦିନ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**<u>ସାଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ବିବରଣୀ</u>**

| କ୍ର. ସଂଖ୍ୟା | ସାଇରାତ ଉତ୍ସ ଗୁଡିକର ନାମ | ରାଜସ୍ୱ ମୌଜାର ନାମ | ଖାତା ସଂଖ୍ୟା | ଖସଡା ସଂଖ୍ୟା (ପ୍ଲଟ ନମ୍ବର) | ସାଇରାତ ଉତ୍ସର ରକବା | | ସରକାରଙ୍କ ଧାର୍ଯ୍ୟ ରୟାଲ୍ଟୀ ମୂଲ୍ୟ (ଟଙ୍କା) | Minimum Additional Charge | Minimum Guaranteed Quantity to be lifted per annum | Amount of Earnest Money | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| | | | | | ଏକରରେ | ହେକ୍ଟର ରେ | | | | | |
| ୧ | ଭେଙ୍କଟପୁର ପଥର ଖାଦାନ - IV | ଭେଙ୍କଟପୁର | ୯୬ | ୧୩ | ୨୫. ୦୦୦ | ୧୦.୧୧୭୩ | ୧୩୦/- | ୮୬/- | ୪୦୦୦୦ cum | ୪୩୨୦୦୦/- | |
| ୨ | ଭେଙ୍କଟପୁର ପଥର ଖାଦାନ – VI | ଭେଙ୍କଟପୁର | ୯୬ | ୨୯୧ | ୨୫. ୦୦୦ | ୧୦.୧୧୭୩ | ୧୩୦/- | ୮୬/- | ୫୦୦୦୦ cum | ୫୪୦୦୦୦/- | |
| ୩ | ପଥର ଖାଦାନ. ଖାଣ୍ଡବା | ଖାଣ୍ଡବା | ୬୯୯ | ୧୦୩୫ | ୯.୩୭୫ | ୩.୭୯୪୦ | ୧୩୦/- | ୮୬/- | ୩୦୦୦୦ cum | ୩୨୪୦୦୦/- | |
| ୪ | ବାଲି ଖାଦାନ, ଖାଣ୍ଡବା | ଖାଣ୍ଡବା | ୬୯୯ | ୨୩୮୬ | ୪୪.୩୫୭ | ୧୭.୯୫୧୦ | ୩୫ /- | ୧୪୦/- | ୧୦୦୦୦୦ cum | ୮୭୫୦୦୦/- | |
| ୫ | ବାଲି ଖାଦାନ, ପୁରୁଟିଗୁଡା | ପୁରୁଟିଗୁଡା | ୫୨୨ | ୧୨୮୫ | ୧୩.୬୮୮ | ୫.୫୩୯୪ | ୩୫ /- | ୧୪୦/- | ୫୦୦୦୦ cum | ୪୩୭୫୦୦ /- | |
| ୬ | ବାଲି ଖାଦାନ, କିଟିଙ୍ଗି | କିଟିଙ୍ଗି | ୨୨୨ | ୭୫୧ | ୨୨.୩୧୦ | ୯.୦୨୮୭ | ୩୫ /- | ୧୪୦/- | ୮୦୦୦୦ cum | ୭୦୦୦୦୦/- | |
| ୭ | ବାଲି ଖାଦାନ, ବୁଦୁରା | ବୁଦୁରା | ୨୨୫ | ୧୮୮<br>୧୮୯ | ୫.୯୩୮<br>୮.୮୮୮ | ୨.୪୦୩୦<br>୩.୫୯୬୯ | ୩୫ /- | ୧୪୦/- | ୫୦୦୦୦ cum | ୪୩୭୫୦୦ /- | |

**ତହସିଲଦାର, କାଶୀନଗର**

**ପରିପତ୍ର ସଂଖ୍ୟା :** 4875 **/ ସଇରାତ** **ତାରିଖ :** 20.7.21

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରେରଣ କରାଯାଉଅଛି ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ସେମାନେ ଏହି ବିଜ୍ଞାପନ ର ଏକକିତା ନକଲ ନିଜ ନିଜ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ ଲଟକାଇବେ ଓ ଅନ୍ୟ ଏକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଧେଣ୍ଡୁରା ମାଧ୍ୟମରେ ବହୁଳ ଭାବରେ ପ୍ରଚାର କରି ତୃତୀୟ କିତା ନକଲ ରେ ସମସ୍ତ ବିବରଣୀ ଦର୍ଶାଇ ଏବଂ ସଇରାତ ଉତ୍ସ ଗୁଡିକର ନକ୍ସା ତିଆରି କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ନିଲାମ ଧାର୍ଯ୍ୟ ତାରିଖ ର ୧୫ ଦିନ ପୂର୍ବରୁ ପ୍ରେରଣ କରିବେ ।

**ତହସିଲଦାର, କାଶୀନଗର**

**ପରିପତ୍ର ସଂଖ୍ୟା :** 4700 **/ ସଇରାତ** **ତାରିଖ :** 20.7.21

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାଶୀନଗର / କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର / ଚିକିତ୍ସା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କାଶିନଗର / ଥାନା ଅଧିକାରୀ, କାଶିନଗର ଥାନା / ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, କାଶିନଗର / ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଚିକିତ୍ସାଳୟ, କାଶିନଗର / ବନାଞ୍ଚଳ ଅଧିକାରୀ, କାଶିନଗର ବନାଞ୍ଚଳ / ସମସ୍ତ ପଞ୍ଚାୟତର ସରପଞ୍ଚ, କାଶୀନଗର ପଞ୍ଚାୟତ ସମିତି ଙ୍କୁ ପ୍ରେରଣ କରାଯାଉଅଛି । ବିଜ୍ଞାପନ ର ବହୁଳ ପ୍ରଚାର ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ, ଉକ୍ତ ବିଜ୍ଞାପନ ସେମାନଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଟକାଇବା ପାଇଁ ଅନୁରୋଧ କରାଯାଉଅଛି ।

**ତହସିଲଦାର, କାଶୀନଗର**

**ପରିପତ୍ର ସଂଖ୍ୟା :** 4701 **/ ସଇରାତ** **ତାରିଖ :** 20.7.21

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି / ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି / ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ଗଜପତି/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଗଜପତି / ବନଖଣ୍ଡ ଅଧିକାରୀ, ଗଜପତି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଉଅଛି ।

**ତହସିଲଦାର, କାଶୀନଗର**

# Advertisement Matter

## ତହସିଲ କାର୍ଯ୍ୟାଳୟ କାଶୀନଗର ଜିଲ୍ଲା: ଗଜପତି

### ଲଘୁ ଖଣିଜ ଦ୍ରବ୍ୟ ସଇରାତଉତ୍ସ ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ସଂଖ୍ୟା : ...4878/ ସଇରାତ ତା: ୨୦-୦୮-୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାଶୀନଗର ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ନିଲାମ ଇସ୍ତାହାର ସଂଖ୍ୟା ...4878/ ସଇରାତ ତା: ୨୦-୦୮-୨୦୨୧ ଅନୁଯାଇ ନୋଟିସରେ ସଂଲଗ୍ନ ଥିବା କାଶୀନଗର ତହସିଲ ଅଧୀନରେ ଥିବା ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଉତ୍ସ ଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ୨୦୨୫-୨୬) ପାଇଁ ଦୀର୍ଘ ମିଆଦି ଲିଜ ସୂତ୍ରେ ଦିଆଯିବା ସକାଶେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (Rule 27) ଅନୁଯାଇ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଆହ୍ୱାନ / ଗ୍ରହଣ ର ତାରିଖ ତା: **୦୮-୧୦-୨୦୨୧ ଠାରୁ ତା: ୦୩-୧୧-୨୦୨୧** ରିଖ ଅପରାହ୍ନ ୦୫.୩୦ ଘଟିକା ଧାର୍ଯ୍ୟ କରାଯାଇଅଛି । ଦରଖାସ୍ତ ତନଖି ତା: **୦୫-୧୧-୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ।**

ସଇରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ, ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କିମ୍ବା ତହସିଲଦାର ଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି । ଏହା ଗଜପତି ଜିଲ୍ଲା ୱେବସାଇଟ http://gajapati.nic.in ସଇରାତ / ଟେଣ୍ଡର ଅଧୀନରେ ମଧ୍ୟ ଉପଲବ୍ଧ ହେବ ।

ତହସିଲଦାର, କାଶୀନଗର

୨୦.୮.୨୦୨୧

# Advertisement Matter

## ତହସିଲ କାର୍ଯ୍ୟାଳୟ କାଶୀନଗର ଜିଲ୍ଲା: ଗଜପତି

### ଲଘୁ ଖଣିଜ ଦ୍ରବ୍ୟ ସଇରାତଉତ୍ସ ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ସଂଖ୍ୟା : ................ / ସଇରାତ ତା: ୨୦-୦୮-୨୦୨୧

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାଶୀନଗର ତହସିଲ କାର୍ଯ୍ୟାଳୟ ଦ୍ବାରା ପ୍ରକାଶିତ ନିଲାମ ଇସ୍ତାହାର ସଂଖ୍ୟା ............ / ସଇରାତ ତା: ୨୦-୦୮-୨୦୨୧ ଅନୁଯାଇ ନୋଟିସରେ ସଂଲଗ୍ନ ଥିବା କାଶୀନଗର  ତହସିଲ ଅଧୀନରେ ଥିବା ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଉତ୍ସ ଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ୨୦୨୫-୨୬) ପାଇଁ ଦୀର୍ଘ ମିଆଦି ଲିଜ ସୂତ୍ରେ ଦିଆଯିବ। ସକାଶେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (Rule 27) ଅନୁଯାଇ ଦରଖାସ୍ତ ଆହ୍ବାନ କରାଯାଉଛି । ଦରଖାସ୍ତ ଆହ୍ବାନ / ଗ୍ରହଣ ର ତାରିଖ ତା: **୦୮-୧୦-୨୦୨୧ ଠାରୁ ତା: ୦୩-୧୧-୨୦୨୧** ରିଖ ଅପରାହ୍ନ ୦୫.୩୦ ଘଟିକା ଧାର୍ଯ୍ୟ କରାଯାଇଅଛି । ଦରଖାସ୍ତ ତନଖି ତା: **୦୫-୧୧-୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ।**

ସଇରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ, ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ରାଜସ୍ବ  ନିରୀକ୍ଷକଙ୍କ କାର୍ଯ୍ୟାଳୟ କିମ୍ବା ତହସିଲଦାର ଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି । ଏହା ଗଜପତି ଜିଲ୍ଲା ୱେବସାଇଟ http://gajapati.nic.in ସଇରାତ / ଟେଣ୍ଡର ଅଧୀନରେ ମଧ୍ୟ ଉପଲବ୍ଧ ହେବ ।

ତହସିଲଦାର, କାଶୀନଗର
୨୦.୮.୨୦୨୧